# 4th Foreign Office Consultations between India and Uruguay

November 30, 2021

## ଭାରତ ଓ ଉରୁଗୁଏ ମଧ୍ୟରେ ଚତୁର୍ଥ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ନଭେମ୍ବର 30, 2021**

ଭାରତ ଓ ଉରୁଗୁଏ ମଧ୍ୟରେ ଚତୁର୍ଥ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ 29 ନଭେମ୍ବର 2021 ରେ ମୋଣ୍ଟେଭିଡ଼ିଓଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପୂର୍ବ) ଶ୍ରୀମତୀ ରିଭା ଗାଙ୍ଗୁଲି ଦାସ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିବାବେଳେ ଉରୁଗୁଏ ଦଳର ପ୍ରତିନିଧୀତ୍ୱ ଉରୁଗୁଏ ସରକାରଙ୍କ ବୈଦେଶିକ ବ୍ୟାପାର ଉପମନ୍ତ୍ରୀ ମାନ୍ୟବର ଶ୍ରୀମତୀ କାରୋଲିନା ଆଚେ ବାଟଲ୍ଲେ ନେଇଥିଲେ।

2. ଜାରିଥିବା ଦ୍ୱିପାକ୍ଷିକ ସହଯୋଗର ସମୀକ୍ଷା କରି ଉଭୟ ପକ୍ଷ ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ, ଔଷଧୀୟ ଦ୍ରବ୍ୟ ଯୋଗାଣ, ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ମଜବୁତ କରିବା ପାଇଁ ପଦକ୍ଷେପ ଚିହ୍ନଟ କରିଥିଲେ।

3. କୋଭିଡ ମହାମାରୀର ମୁକାବିଲା ଏବଂ ଟିକା ଓ ଔଷଧ ଯୋଗାଣ ଓ କୋଭିଡ ସାର୍ଟିଫିକେଟର ପାରସ୍ପରିକ ସ୍ୱୀକୃତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

4. ବିଭିନ୍ନ ଆଞ୍ଚଳିକ ପ୍ରସଙ୍ଗରେ ଉଭୟ ପକ୍ଷ ମତ ବିନିମୟ କରିଥିଲେ। ବହୁପକ୍ଷୀୟ ଓ ଆଞ୍ଚଳିକ ମଞ୍ଚରେ ସମନ୍ୱୟ ରକ୍ଷାକୁ ମଜବୁତ କରିବାକୁ ସେମାନେ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

5. ଏହି ବିଚାର ବିମର୍ଷ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣରେ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ବିଚାର ବିମର୍ଷକୁ ନୂଆଦିଲ୍ଲୀରେ ପାରସ୍ପରିକ ସୁବିଧାଜନକ ଦିନରେ ଆୟୋଜନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

**ମୋଣ୍ଟେଭିଡ଼ିଓ**

**ନଭେମ୍ବର 29, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.